ଡଃ. ନରିନ୍ଦର ସିଂହ ପୁନିଆ

ବନାମ

ଭାରତ ଭାରତ ସଂଘ ଏବଂ ଅନ୍ୟମାନେ

ଡିସେମ୍ବର 9, 1996

[କେ. ରାମାସ୍ୱାମୀ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ବିଶ୍ୱବିଦ୍ୟାଳୟ – ଗବେଷଣା ପ୍ରକଳ୍ପ – ନିର୍ଦ୍ଦେଶାବଳୀ ଏବଂ ସର୍ତ୍ତାବଳୀ – ଅପିଲକାରୀ ଗବେଷଣା କଲେ – ଗବେଷକଙ୍କ ନିଲମ୍ବନ – ସରକାରଙ୍କ ଦ୍ୱାରା ପ୍ରକଳ୍ପର ସମାପ୍ତି – ଆପତ୍ତି – ଦର୍ଶାଯାଇଛି, ଏକ ବିବାଦୀୟ ପ୍ରଶ୍ନ ହୋଇଥିବାରୁ, ମାମଲାଟି ଅପିଲରେ ନିଷ୍ପତ୍ତି ନିଆଯାଇପାରିବ ନାହିଁ– ଏହି ସପକ୍ଷରେ ନିଷ୍ପତ୍ତି ନେବାର ଅଧିକାର ଭାରତ ସରକାରଙ୍କର ରହିବ– ଅପିଲକାରୀଙ୍କୁ ଭାରତ ସଂଘ ସହିତ ଯୋଗାଯୋଗ କରିବାକୁ ଏବଂ ତାଙ୍କ ଗବେଷଣା ସମ୍ପର୍କରେ ସ୍ଥିତି ଜଣାଇବାକୁ ସ୍ୱାଧୀନତା ଦିଆଯାଇଛି – ଯଦି ସରକାର ସନ୍ତୁଷ୍ଟ ହୁଅନ୍ତି, ତେବେ ପ୍ରକଳ୍ପ ସମାପ୍ତ କରିବା ପାଇଁ ଅପିଲକାରୀଙ୍କୁ ଉପଯୁକ୍ତ ସମୟ ଦିଆଯାଇପାରିବ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 16862/1996 ।

ଡବ୍ଲ୍ୟୁ.ପି. ସଂଖ୍ୟା 1349/1995ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 20.10.95ର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ବ୍ୟକ୍ତିଗତ ଭାବେ ।

ଉତ୍ତରଦାତାମାନଙ୍କ ପାଇଁ ଏ.କେ. ଚିତାଲେ, ନୀରଜ ଶର୍ମା ଏବଂ ଏସ୍.ଏନ୍. ଟର୍ଡୋଲ୍ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ, ଇନ୍ଦୋର ବିଚାରପୀଠର ଖଣ୍ଡପୀଠର ରାୟରୁ ଉତ୍ପନ୍ନ ହୋଇଛି, ଯାହା ଅକ୍ଟୋବର 25,1995ରେ ଡବ୍ଲୁ.ପି. ସଂଖ୍ୟା 1349/95ରେ କରାଯାଇଥିଲା । ଏହି ମାମଲାରେ, ଅପିଲକାରୀ ଏବଂ ବିଶ୍ୱବିଦ୍ୟାଳୟ ମଧ୍ୟରେ ବିବାଦକୁ ନେଇ ଆମେ ଚିନ୍ତିତ ନୋହୁଁ ଯେ, କାହିଁକି ବିଶ୍ୱବିଦ୍ୟାଳୟ ଦ୍ୱାରା ଅପିଲକାରୀଙ୍କୁ ନିଲମ୍ବନରେ ରଖାଯାଇଥିଲା ଇତ୍ୟାଦି । "କ୍ଷାର ଏବଂ କ୍ଷାରୀୟ ମୃତ୍ତିକା କାଟାୟନ ପ୍ରଣାଳୀର ରାସାୟନିକ, ଭୌତିକ-ରାସାୟନିକ, ସଂରଚନାତ୍ମକ ଏବଂ ତତ୍ତ୍ୱଗତ ଅନୁସନ୍ଧାନ - ଜୈବିକ ଏବଂ ଭୂତାତ୍ତ୍ୱିକ ପ୍ରକ୍ରିୟାରେ ବ୍ୟବହାରର ରସାୟନ" ଶୀର୍ଷକ ପ୍ରକଳ୍ପର ସମାପ୍ତିର ବୈଧତା ବିଷୟରେ ଆମ ଆଗ୍ରହ, ଯାହା ଉପରେ ଅପିଲକାରୀ ଗବେଷଣା କରୁଥିଲେ । ଭାରତ ସରକାର ସେମାନଙ୍କ ଆଦେଶରେ ପ୍ରକଳ୍ପ ସମାପ୍ତି ପାଇଁ ଗୋଟିଏ ସର୍ତ୍ତ ରଖିଥିଲେ, ଅର୍ଥାତ୍, ସର୍ତ୍ତ ସଂଖ୍ୟା XIII ଯାହା ନିମ୍ନଲିଖିତ ଭାବରେ ବର୍ଣ୍ଣିତ:

"ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ଯେକୌଣସି ପର୍ଯ୍ୟାୟରେ ଅନୁମତି ସମାପ୍ତ କରିବାର ଅଧିକାର ସଂରକ୍ଷଣ କରେ ଯଦି ଏହା ନିଶ୍ଚିତ ହୁଏ ଯେ, ଅନୁମତି ସଠିକ ଭାବରେ ବ୍ୟବହୃତ ହୋଇନାହିଁ କିମ୍ବା ଉପଯୁକ୍ତ ଅଗ୍ରଗତି କରାଯାଇ ନାହିଁ" ।

ଜଣାପଡ଼େ ଯେ, ଅପିଲକାରୀ ଏବଂ ବିଶ୍ୱବିଦ୍ୟାଳୟ, ଦେବୀ ଅହିଲ୍ୟା ବିଶ୍ୱବିଦ୍ୟାଳୟ, ଇନ୍ଦୋର ମଧ୍ୟରେ କିଛି ବିବାଦ ଥିଲା । ଏହି ପରିପ୍ରେକ୍ଷୀରେ, ଆମେ ସେଥିପ୍ରତି ଆଗ୍ରହୀ ନୋହୁଁ, ଯଦିଓ ଅପିଲକାରୀ ଆମ ସମ୍ମୁଖରେ ରଖିବାକୁ ଚାହୁଁଥିଲେ ଯେ, ତାଙ୍କର କୌଣସି

ଦୋଷ ନାହିଁ ଏବଂ ଅନ୍ୟ ପକ୍ଷରେ, ପ୍ରକଳ୍ପଟି ସମ୍ପୂର୍ଣ୍ଣ କରିବାରେ ତାଙ୍କୁ ବାଧା ଦେବାରେ ବିଶ୍ୱବିଦ୍ୟାଳୟର ତ୍ରୁଟି ଥିଲା । ଏହି ନ୍ୟାୟାଳୟ ଦ୍ୱାରା ଭାରତ ସଂଘକୁ ବିଜ୍ଞପ୍ତି ଜାରି କରାଯାଇଥିଲା । ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ନିର୍ଦ୍ଦେଶକ ଡଃ. ଆର୍.ସି. ଶ୍ରୀବାସ୍ତବ ଏକ ସତ୍ୟପାଠ ଦାଖଲ କରିଛନ୍ତି ଯେଉଁଥିରେ ସେ ପାଲଟା ସତ୍ୟପାଠର ଅନୁଚ୍ଛେଦ 10ରେ ଏହିପରି କହିଛନ୍ତି:

> 16.9.94ରେ, ନିବନ୍ଧକ କ୍ଷିପ୍ରବାହୀ ସେବା ମାଧ୍ୟମରେ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଏବଂ ସେହି ସମୟର ତଥ୍ୟ ପଠାଇଛନ୍ତି । ଏଠାରେ ଅପିଲକାରୀ ପ୍ରଫେସର ପୁନିଆ ପି.ଆଇ. ତଥାପି ନିଲମ୍ବନରେ ଥିଲେ ଏବଂ ଡଃ. ବାଜପେୟୀ କୋ-ପି.ଆଇ. ପ୍ରକଳ୍ପର ଆର୍ଥିକ ଏବଂ ପରିଚାଳନା ଦାୟିତ୍ୱ ଗ୍ରହଣ କରିବାକୁ ମନା କରିଦେଇଥିଲେ । ସେହି ପରିସ୍ଥିତିରେ ଏବଂ ଆମର ଡି ଏସ୍ ଟି ମାନଦଣ୍ଡ/ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରକଳ୍ପକୁ ବିଭାଗ ଦ୍ୱାରା 22.9.94 ରେ ସେହି ପର୍ଯ୍ୟାୟରେ ସମାପ୍ତି କରାଯାଇଥିଲା ଏବଂ ବିଶ୍ୱବିଦ୍ୟାଳୟକୁ ପ୍ରକଳ୍ପର ଚୂଡ଼ାନ୍ତ ଖର୍ଚ୍ଚ ଦାଖଲ ଏବଂ ସମାଧାନ କରିବାକୁ ଏବଂ ଯଦି ଖର୍ଚ୍ଚ ହୋଇନଥିବା କୌଣସି ବଳକା ଅଂଶ ଥାଏ, ଡି ଏସ୍ ଟି କୁ ଫେରସ୍ତ କରିବାକୁ ଏବଂ ଚୂଡ଼ାନ୍ତ ବୈଷୟିକ ବିବୃତି ଦେବାକୁ ଅନୁରୋଧ କରାଯାଇଥିଲା ।

ଏହି ବିବୃତିକୁ ଦୃଷ୍ଟିରେ ରଖି, ଆମେ ଭାବୁଛୁ ଯେ, ଏହା ଏକ ବିବାଦୀୟ ପ୍ରଶ୍ନ ହୋଇଥିବାରୁ, ଆମେ ଅପିଲରେ ମାମଲାର ନିଷ୍ପତ୍ତି ନେଇପାରିବୁ ନାହିଁ । ଏହି ପରିସ୍ଥିତିରେ, ଅପିଲକାରୀଙ୍କୁ ଭାରତ ସଂଘଙ୍କ ସହ ଯୋଗାଯୋଗ କରିବାକୁ ଏବଂ ସେମାନଙ୍କୁ ଅବଗତ କରିବାକୁ ସ୍ୱାଧୀନତା ଦିଆଯାଇଛି ଯେ, ସେ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରକଳ୍ପରେ ଅନୁସନ୍ଧାନ କରିଛନ୍ତି ଏବଂ ଆବଶ୍ୟକ ଅଗ୍ରଗତି କରିଛନ୍ତି; ଏବଂ ଯଦି ଏହା ନୁହେଁ, ତେବେ ଏହାର କାରଣ ଦିଅନ୍ତୁ । ଯଦି ସରକାର ସନ୍ତୁଷ୍ଟ ହୁଅନ୍ତି, ତେବେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ଅପିଲକାରୀଙ୍କୁ ଉପଯୁକ୍ତ ସମୟ ଦିଆଯାଇପାରେ । ସେହି ଉଦ୍ଦେଶ୍ୟରେ ନିର୍ଣ୍ଣୟ ନେବା ଭାରତ ସରକାରଙ୍କ ଦାୟିତ୍ୱ ହେବ ।

ତଦନୁସାରେ ଅପିଲଟିର ପରିସମାପ୍ତି କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲ ପରିସମାପ୍ତି କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦକ
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ